# 9th India-EU Human Rights Dialogue (April 12, 2021)

April 12, 2021

## ଭାରତ-ୟୁରୋପୀୟ ସଂଘ ମଧ୍ୟରେ ନବମ ମାନବିକ ଅଧିକାର ଆଲୋଚନା (12 ଏପ୍ରିଲ 2021)

ଏପ୍ରିଲ 12, 2021

1. ଜୁଲାଇ 2020 ରେ 15ତମ ଭାରତ-ୟୁରୋପୀୟ ସଂଘ ଶିଖର ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ 12 ଏପ୍ରିଲ 2021ରେ ନୂଆଦିଲ୍ଲୀଠାରେ ନବମ ଭାରତ-ୟୁରୋପୀୟ ସଂଘ ମାନବିକ ଅଧିକାର ଆଲୋଚନା ଅନୁଷ୍ଠିତ ହୋଇଯାଇଛି।

2. ବିଶ୍ୱର ଦୁଇଟି ବୃହତ ଗଣତନ୍ତ୍ର ଭାବରେ ଭାରତ ଏବଂ ୟୁରୋପୀୟ ସଂଘ ମାନବିକ ଅଧିକାର ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ସମସ୍ତ ମାନବିକ ଅଧିକାରର ସାର୍ବଭୌମିକତା, ଅବିଭାଜ୍ୟତା, ପାରସ୍ପରିକ ନିର୍ଭରଶୀଳତା ଏବଂ ପାରସ୍ପରିକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ।

3. ଏହି ଆଲୋଚନା ସମୟରେ ଅଂଶଗ୍ରହଣକାରୀମାନେ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ମାନବିକ ଅଧିକାରକୁ ସୁଦୃଢ କରିବା ଉପରେ ମତ ବିନିମୟ କରିଥିଲେ। ସେମାନେ ନାଗରିକ ତଥା ରାଜନୈତିକ ଅଧିକାର, ଧାର୍ମିକ କିମ୍ବା ବିଶ୍ୱାସଗତ ସ୍ୱାଧୀନତା, ମହିଳା ସଶକ୍ତିକରଣ, ଶିଶୁ ଅଧିକାର, ସଂଖ୍ୟାଲଘୁ ସମୁଦାୟ ତଥା ଅସୁରକ୍ଷିତ ଗୋଷ୍ଠୀର ଅଧିକାର ଉପରେ ଆଲୋଚନା କରିଥିଲେ। ଆନ୍ତର୍ଜାତୀୟ ସ୍ତରରେ ମାନ୍ୟତା ପ୍ରାପ୍ତ ମାନବିକ ଅଧିକାର ଆଇନ ଏବଂ ମାନଦଣ୍ଡକୁ ଆଧାର କରି ମାନବିକ ଅଧିକାର ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଭାଗିଦାରୀକୁ ଆହୁରି ଜୋରଦାର କରିବା ଆବଶ୍ୟକ ବୋଲି ଉଭୟ ୟୁରୋପୀୟ ସଂଘ ଏବଂ ଭାରତ ପ୍ରକାଶ କରିଛନ୍ତି। ମାନବିକ ଅଧିକାର ତଥା ରାଷ୍ଟ୍ରୀୟ ମାନବିକ ଅଧିକାର ସଂଗଠନ, ନାଗରିକ ସମାଜର ସଦସ୍ୟ ତଥା ସାମ୍ବାଦିକଙ୍କ ଭୂମିକାକୁ ପ୍ରୋତ୍ସାହିତ କରିବା ପାଇଁ ମାନବିକ ଅଧିକାର ପ୍ରଣାଳୀକୁ ସୁଦୃଢ କରିବା ଜରୁରୀ ବୋଲି ଉଭୟ ପକ୍ଷ ଗୁରୁତ୍ୱାରୋପ କରିଥିଲେ। ୟୁରୋପୀୟ ସଂଘ ସମସ୍ତ ମାମଲାରେ ଏବଂ କୌଣସି ଭେଦଭାବ ବିନା ମୃତ୍ୟୁଦଣ୍ଡକୁ ବିରୋଧ କରିଛି।

4. ଅନ୍ତର୍ଜାତୀୟ ମଞ୍ଚ ବିଶେଷ କରି ମିଳିତ ଜାତିସଂଘ ସାଧାରଣ ସଭା ଏବଂ ଜାତିସଂଘ ମାନବିକ ଅଧିକାର ପରିଷଦ (ୟୁଏନଏଚଆରସି) ରେ ଭାରତ-ୟୁରୋପୀୟ ସଂଘ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଉପରେ ସେମାନେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଜେନିଭାଠାରେ ସ୍ଥିତ ମିଳିତ ଜାତିସଂଘରେ ଉଭୟ ଦେଶର ସ୍ଥାୟୀ ମିଶନ ମଧ୍ୟରେ ନିୟମିତ ଆଦାନ ପ୍ରଦାନ ଏବଂ ୟୁଏନଏଚଆରସିରେ ସହଯୋଗ କରିବାକୁ ଭାରତୀୟ ପ୍ରତିନିଧୀ ଦଳ ପ୍ରସ୍ତାବ ଦେଇଥିଲେ।

5. ଗଣତନ୍ତ୍ର, ସ୍ୱାଧୀନତା, ଆଇନ ଅନୁଯାୟୀ ଶାସନ ଏବଂ ମାନବିକ ଅଧିକାର ପ୍ରତି ସମ୍ମାନର ସହଭାଗୀ ନୀତି ଏବଂ ମୂଲ୍ୟବୋଧ ପ୍ରତି ଭାରତ ଏବଂ ୟୁରୋପୀୟ ସଂଘ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଉଭୟ ପକ୍ଷ ଆସନ୍ତା ବର୍ଷ ହେବାକୁ ଥିବା ଆଲୋଚନାର ପରବର୍ତ୍ତୀ ସଂସ୍କରଣକୁ ଅପେକ୍ଷାରତ ବୋଲି କହିଥିଲେ।

6. ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟରେ ୟୁରୋପ ପଶ୍ଚିମ ଯୁଗ୍ମ ସଚିବ ଶ୍ରୀ ସନ୍ଦୀପ ଚକ୍ରବର୍ତ୍ତୀ ଏବଂ ୟୁରୋପୀୟ ସଂଘର ଭାରତରେ ରାଷ୍ଟ୍ରଦୂତ ଶ୍ରୀ ଉଗୋ ଆଷ୍ଟୁଟୋ ଏହି ମାନବିକ ଅଧିକାର ଆଲୋଚନାରେ ସହ-ଅଧ୍ୟକ୍ଷତା କରିଥିଲେ।

**ନୂଆଦିଲ୍ଲୀ**

**ଏପ୍ରିଲ 12, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.